(D.R. Case No. 13/2026)

## ତହସିଲଦାରଙ୍କ କାର୍ଯ୍ୟାଳୟ, ମୋରଡା

ଇସ୍ତାହାର ନଂ ୧୬୦୧ / ତା ୩.୩.୨୦୨୬ ରିଖ

ଏତଦ୍ଵାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ ନିମ୍ନ ଆବେଦନକାରୀଙ୍କୁ ହସ୍ତାନ୍ତର କରାଯିବାକୁ ପ୍ରସ୍ତାବ ମଞ୍ଜୁର ହୋଇଅଛି । ଏଥିରେ ଆବେଦନକାରୀଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ସବିଶେଷ ବିବରଣୀ ନିମ୍ନରେ ଉଲ୍ଲେଖ କରାଯାଇଅଛି । ଯେହେତୁ ଉକ୍ତ ଜମି ସରକାରୀ ରକ୍ଷିତ ଖାତା ଏବଂ କିସମ ବସ୍ତିଯୋଗ୍ୟ ଅଛି ତେଣୁ ତାହାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ଖାତା ଏବଂ କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ଵାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ

ମୌଜାର ନାମ - କାଳିଆନାଳ  ଥାନାର ନାମ- ବେତନଟୀ ନଂ- ୯୭

| ଖାତା ନଂ | ପ୍ଲଟ ନଂ | କିସମ | ରକବା | ପ୍ରସ୍ତାବିତ | ଆବେଦନକାରୀଙ୍କ ନାମ ଏବଂ ଠିକଣା |
|---|---|---|---|---|---|
| ୭୮ (ରକ୍ଷିତ) | ୨୭୪ | ବସ୍ତିଯୋଗ୍ୟ | ଏ୦.୦୬ | ଖାତା- ଆବାଦ ଯୋଗ୍ୟ ଅନାବାଦୀ କିସମ-ପତିତ | ଜଳ ସମ୍ପଦ ବିଭାଗ , ଓଡିଶା ସରକାର, ସୁବର୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି |
| | ୨୭୫ | ବସ୍ତିଯୋଗ୍ୟ | ଏ୦.୦୮ | | |
| ମୋଟ | | | ଏ୦.୧୪ | | |

ଏହାର ଏକକିତା ନକଲ କାଳିଆନାଳ  ମୌଜାରେ ଡେଙ୍ଗୁରା ଦ୍ଵାରା ଜାରି କରିବାକୁ ପଠାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ, ମୋରଡା / ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କୁଆଳିଭଙ୍ଗା /ରାଜସ୍ଵ ନିରୀକ୍ଷକ ଗଡିଗାଁଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ମୋରଡା ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।  ଏହାର ଏକକିତା  ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

୦୩/୦୩/୨୬

ତହସିଲଦାର, ମୋରଡା